


ଟିଜି-ଫେମ୍ ଶୃଙ୍ଖଳା

(ଲକ୍ଷ୍ୟ ସମୂହ - ଆର୍ଥିକ ସଚେତନତା ସନ୍ଦେଶ)



# ବରିଷ୍ଠ ନାଗରିକଙ୍କ ପାଇଁ ଆର୍ଥିକ ସାକ୍ଷରତା

ଆର୍ଥିକ ଅନ୍ତର୍ଭୁକ୍ତି କରଣ ଓ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ୍

| ସନ୍ଦେଶ ୧ |
|---|
| ଲୋଭନୀୟ ଯୋଜନା ଓ ଠକାମୀ ପ୍ରତି ସାବଧାନ ରହନ୍ତୁ । |

| ସନ୍ଦେଶ ୨ |
|---|
| ବ୍ୟାଙ୍କ୍ ଏବଂ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ପାଖରେ ଅଭିଯୋଗ କିପରି ଦାଖଲ କରାଯିବ ଜାଣନ୍ତୁ । |

| ସନ୍ଦେଶ ୩ |
|---|
| ସଂପଦା ନିଯୋଜନ ସାଧନ । |

| ସନ୍ଦେଶ ୪ |
|---|
| ଆପଣ ଖୁସି ରହିବା ଭଲ କାରଣ ଅଛି, ଯଦି ଆପଣ ଜଣେ ପେନସନ ଭୋଗୀ ଅଟନ୍ତି । |

| ସନ୍ଦେଶ ୫ |
|---|
| ସେବା ନିବୃତ୍ତ ଜୀବନ ପାଇଁ ଉପଯୁକ୍ତ ନିବେଶ । |



## ସନ୍ଦେଶ ୧ : ଲୋଭନୀୟ ଯୋଜନା ଓ ଠକାମୀ ପ୍ରତି ସାବଧାନ ରହନ୍ତୁ ।

ନିବେଶ ପାଇଁ ବ୍ୟାଙ୍କ ଦ୍ୱାରା ଦିଆଯାଉଥିବା ରିଟର୍ଣ୍ଣ ଠାରୁ ଅଧିକ ରିଟର୍ଣ୍ଣ ଦେବାକୁ କଥା ଦେବା ।






ମିତ୍ର ଓ ପରିଜନଗଣଙ୍କୁ ସାମିଲ କରିବା ସକାଶେ ଓ ଉପବିତରକ ନିଯୁକ୍ତି ଦେବା ବଦଳରେ ପୁରସ୍କାର ଦେବା ପାଇଁ ଯୋଜନା ।




ଅଜଣା ସଂସ୍ଥା ଓ ୱେବ୍ସାଇଟ୍‌ରୁ ନିଃଶୁଳ୍କ ସେବା ପାଇଁ ପ୍ରସ୍ତାବ ।




ଆକର୍ଷଣୀୟ ମାର୍କେଟିଙ୍ଗ୍ ସାମଗ୍ରୀ ଜରିଆରେ ଜଟିଳ ଏବଂ ନୂତନ ନିବେଶର ପ୍ରସ୍ତାବ ଯେଉଁଥିରେ ସେଲ୍ସମ୍ୟାନ୍ ପ୍ରତିଦିନ ସମ୍ପର୍କ କରୁଛି, ଶୀଘ୍ର ପଞ୍ଜିକରଣ ପାଇଁ ପ୍ରୋତ୍ସାହନମୂଳକ ପ୍ରସ୍ତାବ ଦେଉଛି କିମ୍ବା ଯୋଜନା କେବଳ ସୀମିତ ସମୟ ପାଇଁ ଉପଲବ୍ଧ ଅଛି ବୋଲି ଉଲ୍ଲେଖ କରୁଛି ।



## ଲୋଭନୀୟ ଯୋଜନା ଏବଂ ଠକାମୀର ଲକ୍ଷଣ




ଭାରତୀୟ ରିଜର୍ଭ ବ୍ୟାଙ୍କ, IRDA, SEBI, NHB ଦ୍ୱାରା ଅଧିକୃତ ସଂସ୍ଥା ଅଥବା ବିକ୍ରେତା ।

ତୁମର କାର୍ଡ଼କୁ ବ୍ଲକ୍ କରାଯାଇଛି ଏବଂ ଏହାକୁ ଖୋଲିବା ପାଇଁ ଆପଣଙ୍କ ପୁରୁଣା ପିନ୍ ଦିଅନ୍ତୁ ।



ଟେଲିଫୋନ୍ କଲ୍ ମାଧ୍ୟମରେ ପୁରସ୍କାର ଦେବାର ପ୍ରଲୋଭନ କିମ୍ବା ମୋକଦ୍ଦମା ଏବଂ ଦଣ୍ଡର ଭୟ ଇତ୍ୟାଦି ।



ଆପଣଙ୍କର ରିଫଣ୍ଡ ବାବଦରେ ୯୦୦୦୦ ଟଙ୍କା ଗ୍ରହଣ କରିଛନ୍ତି ବା ପାଇଛନ୍ତି ।

ଅଜ୍ଞାତ ବ୍ୟକ୍ତି କିମ୍ବା ବିନିୟାମକ ସମୂହ କିମ୍ବା ସରକାରୀ ସଂସ୍ଥା ସମୂହମାନଙ୍କଠାରୁ ବ୍ୟାଙ୍କ୍ ଆକାଉଣ୍ଟ୍ ସମ୍ବନ୍ଧୀୟ ତଥ୍ୟ ପ୍ରଦନ ପାଇଁ ଆସୁଥିବା ଇମେଲ୍ କିମ୍ବା ଏସ୍ ଏମ୍ ଏସ୍

## ରିପୋର୍ଟ କରନ୍ତୁ ଓ ବିନିୟାମକଙ୍କର ସହାୟତା କରନ୍ତୁ

ଠକାମୀ/ ଘୋଟାଲା ସମ୍ବନ୍ଧରେ ରିପୋର୍ଟ କରନ୍ତୁ

ପଞ୍ଜି ଯୋଜନାଗୁଡିକ ସମ୍ବନ୍ଧରେ ରିପୋର୍ଟ କରନ୍ତୁ ।

IRDA, SEBI, NHB, RBI ଦ୍ୱାରା ସ୍ୱଷ୍ଟ ଅସ୍ତିତ୍ୱ ଥିବା ବିନିୟାମକଙ୍କ ସଂସ୍ଥା ବିଷୟରେ ଅଧିକ ଜାଣନ୍ତୁ

ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ ଜାଣନ୍ତୁ ଏବଂ ଆପଣଙ୍କ ସହରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦାନ କରନ୍ତୁ

ନିଜର ଅଭିଯୋଗ ଦାଖଲ କରନ୍ତୁ ଓ ତାକୁ ଟ୍ରାକ୍ କରନ୍ତୁ

**ସଚେତ୍**

**SLCC ର ଏକ ଉଦ୍ୟମ/ପ୍ରୟାସ**

**www.sachet.rbi.org.in**

ବିଭିନ୍ନ ଆଇନ ସମ୍ପର୍କରେ ଜାଣନ୍ତୁ ବା ଶିକ୍ଷା କରନ୍ତୁ

ଅନିୟମିତ ଯୋଜନା ଗୁଡିକ ସମ୍ପର୍କରେ ଅଧିକ ପଢନ୍ତୁ ।

ଆପଣଙ୍କ ବିନିୟାମକଙ୍କୁ ସହାୟତା କରନ୍ତୁ ।

ସନ୍ଦେଶ-୨ : ବ୍ୟାଙ୍କ୍ ଏବଂ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ପାଖରେ ଅଭିଯୋଗ କିପରି ଦାଖଲ କରାଯିବ ଜାଣନ୍ତୁ ।

# ଅଭିଯୋଗ ନିବାରଣ

**ସୋପାନ -୧**

ଇମେଲ୍, ୱେବ୍‌ସାଇଟ୍, କଷ୍ଟମର କେୟାର୍ ଟୋଲ୍ ଫ୍ରି ନମ୍ବରରେ ବ୍ୟାଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ ।

ଉତ୍ତର ପାଇବା ପାଇଁ ୩୦ ଦିନ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

**ସୋପାନ -୨**

ଯଦି ବ୍ୟାଙ୍କ କିଛି ଉତ୍ତର ନଦିଏ କିମ୍ବା ଉତ୍ତର ସନ୍ତୋଷଜନକ ନ ହୁଏ, ତେବେ ଆପଣ ବ୍ୟାଙ୍କିଙ୍ଗ ଲୋକପାଳଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ । ସାରା ଦେଶରେ ୨୧ଟି ସ୍ଥାନରେ ବ୍ୟାଙ୍କିଙ୍ଗ ଲୋକପାଳ ଅଫିସ୍ ରହିଛି । ସମସ୍ତ ଲୋକପାଳ ସମ୍ପର୍କରେ ପୂର୍ଣ୍ଣ ବିବରଣୀ ଓ ନ୍ୟାୟାଧିକାର କ୍ଷେତ୍ର ନିମ୍ନପ୍ରଦତ୍ତ ଲିଙ୍କ୍ ଦ୍ୱାରା ପ୍ରାପ୍ତ ହେବ । **http ://bankingombudsman.rbi.org.in** ଇ-ମେଲ୍, ଅନ୍ ଲାଇନ୍ ଅଥବା ଡାକ ମାଧ୍ୟମରେ ବ୍ୟାଙ୍କିଙ୍ଗ ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ ।

ବ୍ୟାଙ୍କ ଓ ଖାଉଟି ମଧ୍ୟରେ ସମାଧାନ ମୂଳକ ଚୁକ୍ତି କରିବାକୁ ଲୋକପାଳ ଚେଷ୍ଟା କରିବେ । ଯଦି ପରସ୍ପର ରାଜି ହୁଅନ୍ତି ନାହିଁ ତାହେଲେ ଲୋକପାଳଙ୍କ ସମ୍ମୁଖରେ ପ୍ରସ୍ତୁତ କରା ଯାଇଥିବା ତଥ୍ୟ ଓ ରେକର୍ଡ ଦେଖି ସେ ନିଜର ନିର୍ଣ୍ଣୟ କିମ୍ବା ଆୱାର୍ଡ ପ୍ରଦାନ କରିବେ ।

**ସୋପାନ -୩**

ଖାଉଟି ଯଦି କୌଣସି ପରିସ୍ଥିତିରେ ଲୋକପାଳଙ୍କ ଦ୍ୱାରା ଦିଆଯାଇଥିବା ସମାଧାନରେ ସନ୍ତୁଷ୍ଟ ନହୁଏ ତେବେ ୩୦ ଦିନ ଭିତରେ ଅପିଲେଟ୍ ଅଥରିଟି (ରିଜର୍ଭ ବ୍ୟାଙ୍କ ଉପଗଭର୍ଣ୍ଣର)ଙ୍କ ପାଖରେ ଅଭିଯୋଗ ଦାଖଲ କରିପାରିବେ ।

## ସନ୍ଦେଶ ୩- ସମ୍ପଦା ନିୟୋଜନ ସାଧନ

ବରିଷ୍ଠ ନାଗରିକମାନଙ୍କ ପାଇଁ ସମ୍ପଦା  ଯୋଜନା ଅନ୍ତର୍ଗତ ଅନେକ ସାଧନ ଉପଲବ୍ଧ । ତନ୍ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନାମାଙ୍କନ । କିନ୍ତୁ ଇଚ୍ଛାପତ୍ର ନାମାଙ୍କନକୁ ମଧ୍ୟ ଅଧିକ୍ରମଣ କରିପାରେ ।

| | | |
|---|---|---|
| ସମସ୍ତ ବିତ୍ତୀୟ ଉପକରଣ ଏବଂ ସୁରକ୍ଷିତ ତତ୍ତ୍ୱାବଧାନ ଏବଂ ସୁରକ୍ଷିତ ଜମା ସକାଶେ ଟ୍ରେଜେରୀ ଉପଲବ୍ଧ । | ଦାବିଗୁଡ଼ିକର ଶୀଘ୍ର ସମାଧାନରେ ଉତ୍ତରଜୀବୀ ପରିଜନବର୍ଗଙ୍କ କଷ୍ଟ ଲାଘବ କରିବାରେ ସହାୟକ । | ନାମାଙ୍କନର ଅନୁରୋଧ ପଞ୍ଜୀକୃତ କରିବା ସୁନିଶ୍ଚିତ କରନ୍ତୁ । ଆବଶ୍ୟକସ୍ଥଳେ ନାମାଙ୍କନକୁ ଅପ୍‌ଡେଟ୍ **(update)**କରନ୍ତୁ । |

## ଅନ୍ୟାନ୍ୟ ସମ୍ପଦ ଆୟୋଜନ ସାଧାନ

- ଟ୍ରଷ୍ଟ୍
- ଓ୍ୱକଲ୍‌ତନାମା
- ଉପହାର
- ବିଭାଜନ

- ଇଚ୍ଛାପତ୍ର
- ଉତ୍ତରାଧିକାର
- ଜୀବନବୀମା

## ସନ୍ଦେଶ-୪ଯଦି ଆପଣ ଜଣେ ପେନସନଭୋଗୀ , ତେବେ ହସଖୁସିରେ ରହିବାର ଭଲ କାରଣ ଅଛି ।

ପେନସନ ପାଇଁ
ଅଲଗା ଖାତା ଖୋଲିବା
ଅନାବଶ୍ୟକ ।




ପେନସନ ଜମାଖାତା
ଅନ୍ୟ ଶାଖା କିମ୍ବା
ବ୍ୟାଙ୍କକୁ ସ୍ଥାନାନ୍ତରିତ
କରାଯାଇପାରିବ ।

ଉପଲବ୍ଧ ଜମାଖାତାକୁ
ପେନସନ ପ୍ରାପ୍ତ କରିବା
ପାଇଁ ବ୍ୟବହାର
କରାଯାଇପାରିବ ।

ପ୍ରତିବର୍ଷ ନଭେମ୍ବର ମାସରେ ନିଜ
ବ୍ୟାଙ୍କ ଶାଖାରେ ନିଜର ଜୀବନ ପ୍ରମାଣ-ପତ୍ର
ଜମା କରିବାକୁ ମନେ ରଖନ୍ତୁ ଓ ବ୍ୟାଙ୍କରୁ
ଏହାର ହସ୍ତାକ୍ଷରିତ ସ୍ୱୀକାରୋକ୍ତି ସଂଗ୍ରହ
କରନ୍ତୁ । ଯଦି କୌଣସି ପେନସନଭୋଗୀ
ଗମ୍ଭୀର ରୋଗଗ୍ରସ୍ତ/ ଅକ୍ଷମତା କାରଣବଶତଃ
ଜୀବନ ପ୍ରମାଣ ପତ୍ର ପ୍ରାପ୍ତ କରିବାକୁ ଅସମର୍ଥ
ହୁଅନ୍ତି, ବ୍ୟାଙ୍କ୍ ଅଧିକାରୀ ଜୀବନ ପ୍ରମାଣ ପତ୍ର
ପ୍ରାପ୍ତ କରିବା ସକାଶେ ପେନସନଭୋଗୀଙ୍କ
ନିବାସ/ଡାକ୍ତରଖାନାକୁ ଆସିବେ ।

"ଜୀବନ ପ୍ରମାଣ"-ଆଧାର ଓ
ମୋବାଇଲ୍ ନମ୍ବର ବ୍ୟବହାରପୂର୍ବକ
ଡିଜିଟାଲ ଜୀବନ ପ୍ରମାଣତ୍ର
**www.jeevanpramaan.gov**

## ସଂଯୁକ୍ତ/ଯୌଥ ଖାତା ସମ୍ପର୍କରେ ସୂଚନା ଓ ଜମାରାଶିର ସମୟ ପୂର୍ବ ଉଠାଣ

୧ ଆପଣ ଆପଣଙ୍କ ପତି କିମ୍ବା ପତ୍ନୀଙ୍କ ସହ ଯୌଥ ଖାତା ଖୋଲିବା ପାଇଁ ଏବଂ ଉତ୍ତରାଧିକାରୀ ନାମାଙ୍କନ ପଞ୍ଜିକୃତ କରିବା ପାଇଁ କିମ୍ବା କୌଣସି ଜଣେ ଉତ୍ତରଜୀବୀ ଅଥବା ପୂର୍ବ ବା ଉତ୍ତରଜୀବୀ ପରିଚାଳନା ନିର୍ଦ୍ଦେଶ ଲାଗୁ କରିବା ପାଇଁ ଉପଦେଶ ଦିଆଯାଉଛି ।

୨ ଆବଶ୍ୟକ ସ୍ଥଳେ ଯଦି ଆପଣ ସ୍ଥାୟୀ / ଅବଧି ଜମାର ଅସାମୟିକ ଉଠାଣ କରିବାକୁ ଚାହାନ୍ତି , ଏପରି ପରିସ୍ଥିତିରେ ଆପଣଙ୍କୁ ସ୍ଥିର କରିବାକୁ ପଡିବ ଯେ ଆପଣ ଟଙ୍କା ଜମା କରିବା ସମୟରେ କିମ୍ବା ଜମା କରିଥିବା ସମୟ ମଧ୍ୟରେ କୌଣସି ସମୟରେ ଏଥିପାଇଁ ଆଦେଶ ଦେଇଛନ୍ତି ।

୩ ଯଦି ଆପଣ ସମୟ ପୂର୍ଣ୍ଣ ହେବାପରେ ଅବଧି ଜମାରାଶି ଦାବି କରିବେ ନାହିଁ ତାହେଲେ ବ୍ୟାଙ୍କ ଜମାରାଶିକୁ ସେହି ଅବଧି ପାଇଁ ତତ୍କାଳୀନ ସୁଧହାରରେ ସ୍ୱତଃ ନବୀକରଣ କରିପାରିବ, ଯଦି ଜମା ସମୟରେ ଏ ପ୍ରକାର ସୁବିଧା ଚୟନ କରିଥିବେ ।

## ବୃଦ୍ଧ/ରୁଗ୍ଣ/ଅକ୍ଷମ ବ୍ୟକ୍ତିଙ୍କ ପାଇଁ ବ୍ୟାଙ୍କ୍ ପରିଚାଳନା

୧ ଯଦି ଆପଣ ବୃଦ୍ଧ, ଅସୁସ୍ଥ ବା ଶାରୀରିକ ରୂପରେ ଅକ୍ଷମ ଅଟନ୍ତି, ଆପଣ ଆପଣଙ୍କ ଟିପ ଚିହ୍ନ ବ୍ୟବହାର କରି ଆର୍ଥ ଉଠାଣ କରିପାରିବେ । ଟିପଚିହ୍ନ ବ୍ୟାଙ୍କର ଦୁଇଜଣ ପରିଚିତ ସାକ୍ଷ୍ୟ ଦ୍ୱାରା ପ୍ରମାଣିତ ହେବ । ତନ୍ମଧ୍ୟରୁ ଜଣେ ଦାୟିତ୍ୱବାନ ବ୍ୟାଙ୍କ୍ ଅଧିକାରୀ ହୋଇଥିବେ ।

୨ ଯଦି ଆପଣ ଟିପ ଚିହ୍ନ ମଧ୍ୟ ଦେବାକୁ ଅକ୍ଷମ ଓ ପ୍ରତ୍ୟକ୍ଷ ରୂପେ ବ୍ୟାଙ୍କ୍‌ରେ ଉପସ୍ଥିତ ହୋଇପାରିବେ ନାହିଁ ସେ କ୍ଷେତ୍ରରେ ଚେକ୍/ଅର୍ଥ ଉଠାଣ ଫର୍ମରେ ଗୋଟିଏ ଚିହ୍ନ ନିଆଯାଇପାରିବ । ତାହା ଦୁଇ ସ୍ୱତନ୍ତ୍ର ସାକ୍ଷୀ ଦ୍ୱାରା ପରିଚିତ ହୋଇଥିବ । ତନ୍ମଧ୍ୟରୁ ଜଣେ ବ୍ୟାଙ୍କର ଦାୟିତ୍ୱବାନ୍ ଅଧିକାରୀ ହୋଇଥିବେ ।

୩ ବ୍ୟାଙ୍କ୍ ଆପଣଙ୍କୁ ଏହା ପଚାରିପାରେ ଯେ ଉକ୍ତ ପ୍ରାପ୍ତ ଚେକ୍/ ଟଙ୍କା ଫର୍ମର ଆଧାରରେ ପଇସା କିଏ ନେବ ଏବଂ ସେହି ବ୍ୟକ୍ତିକୁ ଦୁଇଜଣ ସାକ୍ଷୀ ଦ୍ୱାରା ପରିଚୟ ପ୍ରଦାନ କରାଯିବା ଉଚିତ୍ । ଯେଉଁ ବ୍ୟକ୍ତି ବାସ୍ତବରେ ଟଙ୍କା ଉଠାଣ କରୁଛନ୍ତି ତାହାକୁ ବ୍ୟାଙ୍କ୍‌କୁ ଆପଣ ହସ୍ତାକ୍ଷର ପ୍ରସ୍ତୁତ କରିବାକୁ କହିବେ ।

## ସନ୍ଦେଶ ୫- ସେବା ନିବୃତ୍ତ ଜୀବନ ପାଇଁ ଉଚିତ୍ ନିବେଶ ଉତ୍ପାଦ ଅଟେ ।

### ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା



ସେବା ନିବୃତ୍ତ ବ୍ୟକ୍ତିମାନଙ୍କ ପାଇଁ ବରିଷ୍ଠ ନାଗରିକ ସଂଚୟ ଯୋଜନା-୨୦୦୪ ଏକ ଉତ୍ତମ ବିକଳ୍ପ ଅଟେ । **SCSS** ଆକର୍ଷଣୀୟ ପ୍ରତିଲାଭ ୮.୩% ସୁଧ ୨୦୧୭ ମସିହାରୁ ପ୍ରଦାନ କରିଆସୁଛି । ପ୍ରତି ତିନିମାସରେ ସୁଧ ମିଳେ । ପ୍ରାପ୍ତ ସୁଧ ଉପରେ ଲାଗୁ ହୋଇଥିବା ନିର୍ଦ୍ଧାରିତ ଦରରେ ଟିକସ ଦେବାକୁ ପଡେ । ନିବେଶ ଶତକଡା ୧୦୦ ଭାଗ ନିରାପଦ ଥିଲେ ମଧ ପ୍ରତି ବ୍ୟକ୍ତିର ନିବେଶ ସୀମା ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୀମିତ ଅଟେ ।

### ସ୍ଥାୟୀ ଜମା



ସ୍ଥାୟୀ ଜମା ଏକ ଉତ୍ତମ ବିକଳ୍ପ ଯାହାର ବାର୍ଷିକ ଆୟ ୫ଲକ୍ଷରୁ କମ୍ । ଯେହେତୁ ସେମାନେ ୫% ଟିକସ୍ ବ୍ରାକେଟ୍ ଭିତରେ ଅଛନ୍ତି । ଯେଉଁମାନଙ୍କ ବାର୍ଷିକ ଆୟ ୫ ଲକ୍ଷ ଟଙ୍କାରୁ ଅଧିକ ।, ସ୍ଥାୟୀ ଜମାରୁ ମିଳିଥିବା ସୁଧ ଉପରେ ସେମାନଙ୍କୁ ୨୦% / ୩୦% କର ଦେବାକୁ ପଡିଥାଏ ।

### ପ୍ରତିଗାମୀ ବନ୍ଧକ



ଯେଉଁମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅବସରକାଳୀନ ପାଣ୍ଠି ନାହିଁ କିନ୍ତୁ ନିଜର ଘର ଅଛି, ସେମାନେ ଅବସର ପରେ ପ୍ରତିଗାମୀ ବନ୍ଧକର ବିକଳ୍ପ ସହାୟତାରେ ଅତିରିକ୍ତ ନଗଦ ଅର୍ଥ ପ୍ରବାହର ପ୍ରାପ୍ତ କରିପାରିବେ । ଏହି ବିକଳ୍ପ ଦ୍ୱାରା ପ୍ରାପ୍ତ ଆୟକୁ ସାମ୍ପ୍ରତିକ ନିଷ୍ପତ୍ତି ଅନୁଯାୟୀ ଟିକସମୁକ୍ତ କରାଯାଇଛି ଯାହାକି ଅବସର ନେଇଥିବା ବ୍ୟକ୍ତିମାନଙ୍କୁ ଅତିରିକ୍ତ ଲାଭ ପ୍ରଦାନ କରିବ ।

### ଆନୁଇଟି ପ୍ଲାନ୍ / ବାର୍ଷିକ ଯୋଜନା



ବାର୍ଷିକ ଯୋଜନାଗୁଡିକ ବୀମା କମ୍ପାନୀମାନେ ଉପଲବ୍ଧ କରାନ୍ତି । ଏଗୁଡିକ ସେବାନିବୃତ୍ତ ବ୍ୟକ୍ତିଙ୍କ ପାଇଁ ନିର୍ଦ୍ଧାରିତ ନଗଦ ପ୍ରବାହ ପ୍ରଦାନ କରେ, ଯେହେତୁ ରିଟର୍ଣ୍ଣ ନିବେଶ ସମୟରେ ଧାର୍ଯ୍ୟ କରାଯାଇଥାଏ । ବାର୍ଷିକ ପରିଶୋଧ ନେବା ପାଇଁ ଅନେକ ବିକଳ୍ପ ଉପଲବ୍ଧ ଅଛି । ଯଥା ୫,୧୦,୧୫ ବର୍ଷର ସ୍ଥାୟୀ ପରିଶୋଧ ଅବଧି, ନିବେଶକର ମୃତ୍ୟୁପରେ ମୂଳଧନର ପ୍ରତ୍ୟାବର୍ତ୍ତନ, ପତ୍ନୀର ଜୀବନକାଳ ଯାଏଁ ବାର୍ଷିକ ପରିଶୋଧ ।
ଉଦାହରଣସ୍ୱରୂପ : ବ୍ୟାଙ୍କ୍ ଏବଂ ପୋଷ୍ଟ ଅଫିସ୍ ଦ୍ୱାରା ପ୍ରସ୍ତାବିତ ଏମ୍ଆଇଏସ୍ ଯୋଜନା, ଯେଉଁଥିରେ କି ବାର୍ଷିକ ନିର୍ଦ୍ଧାରିତ ହାରରେ କର ଧାର୍ଯ୍ୟ କରାଯାଏ ।

## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସଦ୍ୟ ଗ୍ରହଣ କରିଥିବା ପଦକ୍ଷେପ-ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସୁବିଧା ।

| | |
|---|---|
| ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ବ୍ୟକ୍ତିଗଣଙ୍କ ପାଇଁ ପ୍ରାଥମିକତା ଦେବା ପାଇଁ ସମର୍ପିତ କାଉଣ୍ଟର | ବ୍ୟାଙ୍କ ମାନଙ୍କୁ ସୂଚିତ କରାଯାଇଛି ଯେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କ ପାଇଁ ସ୍ପଷ୍ଟ ଭାବରେ ଦେଖାଯାଉଥିବା ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବେ । ଦୃଷ୍ଟିହୀନ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ପ୍ରାଥମିକତା ଦେଇ ସେବା ଯୋଗାଇବେ । |
| ଜୀବନ ପ୍ରମାଣ ପତ୍ର ପ୍ରସ୍ତୁତ କରିବାକୁ ସହଜ ସୁବିଧା | ଜୀବନ ପ୍ରମାଣପତ୍ର ଯୋଜନା ଅନ୍ତର୍ଗତ ଡିଜିଟାଲ ପ୍ରମାଣ ପତ୍ର ସୁବିଧା ଅତିରିକ୍ତ ପେନସନ୍ ଭୋଗୀ ମାନେ ପେନସନ ଦେଉଥିବା ବ୍ୟାଙ୍କ୍‌ର ଯେକୌଣସି ଶାଖାରେ ପ୍ରତ୍ୟକ୍ଷ ଜୀବନ ପ୍ରମାଣ ପ୍ରସ୍ତୁତ କରିପାରିବେ । ପ୍ରାପ୍ତକାରୀ ବ୍ୟାଙ୍କ୍ କୋର୍ ବ୍ୟାଙ୍କିଙ୍ଗ୍ ସଲ୍ୟୁସନ ସିଷ୍ଟମ ଦ୍ୱାରା ତୁରନ୍ତ ବିନା ବିଳମ୍ବରେ ଅପଡେଟ୍ କରିବ । |
| ବ୍ୟାଙ୍କ୍ ଖାତାର ସ୍ଥିତିକୁ ସ୍ୱୟଂଚାଳିତ ପରିବର୍ତ୍ତନ | KYC-ବ୍ୟାଙ୍କ ରେକର୍ଡରେ ଉଲ୍ଲେଖ ଜନ୍ମ ତାରିଖକୁ ଆଧାର କରି ସାଧାରଣ ଖାତା ଆପେ ଆପେ ବରିଷ୍ଠ ନାଗରିକ ଖାତାରେ ପରିବର୍ତ୍ତନ ହୋଇଯିବ । |
| ଫର୍ମ-୧୫-G/H ପୂରଣ ସକାଶେ ସୁବିଧା | ବ୍ୟାଙ୍କ ମାନଙ୍କୁ ସୂଚିତ କରାଯାଇଛି ଯେ ବର୍ଷକୁ ଥରେ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ (ସାଧାରଣତଃ ଏପ୍ରିଲ୍ ମାସରେ) ୧୫-G/H ଫର୍ମ ପ୍ରଦାନ କରିବେ ଯାହାକି ନିର୍ଦ୍ଧାରିତ ସମୟରେ ଆବଶ୍ୟକ ସ୍ଥଳେ ଜମା କରି ପାରିବେ । |
| ଆପଣଙ୍କ ଦ୍ୱାରଦେଶରେ ବ୍ୟାଙ୍କିଙ୍ଗ୍ | ବ୍ୟାଙ୍କ୍ ମାନଙ୍କୁ ସୂଚିତ କରାଯାଉଛି ଯେ ସେମାନେ ଗ୍ରାହକମାନଙ୍କ ବାସଗୃହ/ ପରିସରରେ ରସିଦ୍ ବଦଳରେ ନଗଦ ଜମା ଓ **Instrument** ସ୍ୱୀକାର, ଟଙ୍କା ଉଠାଣ ଫର୍ମ ବଦଳରେ ଟଙ୍କା ପ୍ରଦାନ , ଡିମାଣ୍ଡ ଡ୍ରାଫ୍ଟ ଏବଂ **KYC** ଦସ୍ତାବିଜ୍ , ଜୀବନ ପ୍ରମାଣପତ୍ର ଇତ୍ୟାଦି ସେବା ଯୋଗାଇବେ । |

### ଫର୍ମ ୧୫-G ଓ ଫର୍ମ-H

ଯଦି ଆପଣଙ୍କ ବୟସ ୬୦ ବର୍ଷରୁ ଅଧିକ ଓ ଆପଣଙ୍କର ସ୍ଥାୟୀ ଖାତା ସଂଖ୍ୟା **(Permanent Account Number)** ଅଛି ଏବଂ କର ଗଣନା ଶୂନ୍ୟ ହୁଏ , ଅର୍ଥାତ୍ କର ଦେବାକୁ ପଡୁନାହିଁ ଆପଣ ଫର୍ମ ୧୫-H ରେ ରିଟର୍ଣ୍ଣ ଭରନ୍ତୁ । ଏପରିସ୍ଥଳରେ ବ୍ୟାଙ୍କ୍ ଆୟକର ନିୟମ - ୧୯୬୨ ଅନୁସାରେ ବ୍ୟାଙ୍କ ଜମା ଉପରେ **TDS** କଟାଯାଏ ନାହିଁ । ଆପଣ ଏହା ମଧ୍ୟ ଧ୍ୟାନ ଦେବେ ଯେ ୧୫/H ପ୍ରଦାନ କରିବା ସମୟରେ ବ୍ୟାଙ୍କ୍ ଠାରୁ ତାହାର ପାଉତି **(Receipt)** ନିଶ୍ଚୟ ସଂଗ୍ରହ କରନ୍ତୁ ।୬୦ ବର୍ଷ ବୟସରୁ କମ୍‌ହୋଇଥିବା ବ୍ୟକ୍ତି ୧୫/G ପୂରଣ କରିବେ । ଅନ୍ୟ ଏକ ମାନଦଣ୍ଡ ହେଉଛି ଯେ ଏ ବର୍ଷ ସକଳ ପ୍ରକାର ସୁଧ ରୂପେ ଆୟ ଆୟକର ରିହାତି ସୀମାରୁ କମ୍ ହୁଏ (ଟ. ୨୫୦୦୦୦ ୨୦୧୭-୧୮ ବର୍ଷ ପାଇଁ)

ନିଜର କର ରିଟର୍ଣ୍ଣ ପ୍ରତ୍ୟେକ ବର୍ଷ ଜୁଲାଇ ୩୧ ପୂର୍ବରୁ କରିବାକୁ ଭୂଲନ୍ତୁ ନାହିଁ ।

ନିଜର କର ରିଟର୍ଣ୍ଣ ପ୍ରତ୍ୟେକ ବର୍ଷ ଜୁଲାଇ ୩୧ ପୂର୍ବରୁ କରିବାକୁ ଭୂଲନ୍ତୁ ନାହିଁ ।ଯଦି ଆପଣ ରିଟର୍ଣ୍ଣ କରିବା ପାଇଁ ସହାୟତା ଚାହାନ୍ତି ଆପଣ ଆୟକର ବିଭାଗ ଦ୍ୱାରା ନିଯୁକ୍ତିପ୍ରାପ୍ତ ରିଟର୍ଣ୍ଣ ପ୍ରସ୍ତୁତକାରୀଙ୍କ ବାଛିପାରିବେ । ଏହା ୱେବସାଇଟ୍ **www.incometaxindia.gov.in** ରୁ ପ୍ରାପ୍ତ ହୋଇପାରିବ ।

ଅଧିକ ସୂଚନା ପ୍ରାପ୍ତି ପାଇଁ
**www.incometaxindia.gov.in**

# ଲକ୍ଷ୍ୟବିଶିଷ୍ଟ ଆର୍ଥିକ ସକ୍ଷରତା ସାମଗ୍ରୀ

ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଶ୍ରୀ ଦୀପକ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟିର ଏକ ସୁପାରିସରେ ବିତ୍ତ ସମାବେଶନ ଉପରେ ମଧ୍ୟାବଧି ପଥ ସମ୍ବନ୍ଧୀୟ ସମିତିର ଏକ ସୁପାରିସ ଗୁଡ଼ିକରେ ଏହା ଉପଲବ୍ଧ ଯେ, ଆର୍ଥିକ ଶିକ୍ଷା ସକାଶେ 'ସଭିଙ୍କ ପାଇଁ ଏକ ପ୍ରକାର ଶିକ୍ଷା' ବିଶିଷ୍ଟ ଦୃଷ୍ଟି କୋଣ ହୁଏତ ଉଚିତ୍ ହେବ ନାହିଁ । କାରଣ ବିଭିନ୍ନ ଲକ୍ଷ୍ୟ ସମୂହର ବିଭିନ୍ନ ପ୍ରକାରର ଆର୍ଥିକ ଶିକ୍ଷାର ଆବଶ୍ୟକତା ରହେ । ପରିଣାମ ସ୍ୱରୂପ, ସାକ୍ଷରତା ସାମଗ୍ରୀକୁ ବିଭିନ୍ନ ଲକ୍ଷ୍ୟ ସମୂହ ପାଇଁ ଅନୁକୂଳ କରିବା ଆବଶ୍ୟକତା ରହିଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଅର୍ନ୍ତଭୁକ୍ତି  କରଣ ଓ ବିକାଶ ବିଭାଗ ୫ଟି ଅଲଗା ଅଲଗା ଗୋଷ୍ଠୀ ଯଥା- ଚାଷୀ, ଲଘୁ-ଉଦ୍ୟୋଗୀ, ସ୍କୁଲ୍ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅନୁକୂଳ ଆର୍ଥିକ ସାକ୍ଷରତା ସାମଗ୍ରୀ ଶୃଙ୍ଖଳାରେ ୫ଟି ପୁସ୍ତିକା ପ୍ରସ୍ତୁତ କରିଛି । ଏହି ଆନୁକୁଳିତ ପୁସ୍ତକ ସେଥିମଧ୍ୟରୁ ଗୋଟିଏ ।

**ସତ୍ତ୍ୱ ପ୍ରତ୍ୟାଖ୍ୟାନ**

ଏହି ପୁସ୍ତକଟି ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ଓ ମାର୍ଗ ଦର୍ଶନ ନିମିତ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଶିକ୍ଷା ପ୍ରାବଧାନ ଉଦ୍ଦିଷ୍ଟ । ଏହାର ଉଦ୍ଦେଶ୍ୟ କୌଣସି ବି ଆର୍ଥିକ ଉତ୍ପାଦ / ଉତ୍ପାଦ ଗୁଡ଼ିକ ବା ସେବା ସମ୍ବନ୍ଧୀୟ ନିର୍ଣ୍ଣୟ ନେବା ପାଇଁ ପାଠକଙ୍କୁ କହିବା ନୁହେଁ ।

**କପିରାଇଟ୍**

ପ୍ରଥମ ପ୍ରକାଶ - ଅପ୍ରେଲ୍ ୨୦୧୮

ଏହି ସାମଗ୍ରୀକୁ ପୁନଃ ପ୍ରସ୍ତୁତ କରିବା ପାଇଁ ଅନୁମତି ରହିଛି । କିନ୍ତୁ ସାମଗ୍ରୀ ସ୍ରୋତର ଅଭିସ୍ୱୀକୃତି ଆବଶ୍ୟକ ।

**ରଚନା ଓ ପ୍ରକାଶନ**

ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ସହିଦ୍ ଭଗତ୍ ସିଂହ ମାର୍ଗ,

ଫୋର୍ଟ

ମୁମ୍ବାଇ - ୪୦୦୦୦୧, ଭାରତ

**ସ୍ୱୀକାର**

ଡିଜାଇନ୍- କୌଶିକ୍ ରାମଚନ୍ଦ୍ରନ୍

## ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ଫୋର୍ଟ, ମୁମ୍ବାଇ - ୪୦୦୦୦୧, ଭାରତ